■ ଜଳପ୍ରକଳ୍ପର ପୁନଃ ନିର୍ମାଣରେ ଅବହେଳା

# ପ୍ରଶାସନର ଦ୍ୱାରସ୍ଥ ହେଲେ ବୁରୁପଡ଼ାବାସୀ

ଛତ୍ରପୁର,୨୩।୭(ସମିସ): ଗଞ୍ଜାମ ଜିଲ୍ଲାରେ ଥିବା ନନ୍ଦିନୀ ନାଳ ଜଳ ପ୍ରକଳ୍ପର ପୁନଃ ନିର୍ମାଣରେ ଅହେତୁକ ଅବହେଳା କରାଯାଉଥିବାରୁ ପ୍ରାୟ ୩ ହଜାର ହେକ୍ଟର ଚାଷ ଜମିରେ ମରୁଡି ହେବାକୁ ବସିଲାଣି। ଏଣୁ ଏହାର ସମାଧାନ କରିବାକୁ ବୁଧବାର ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବୁରୁପଡା ଗ୍ରାମବାସୀ। ନନ୍ଦିନୀ ନାଳଟି ବୁରୁପଡା ଗ୍ରାମର ଉପର ମୁଣ୍ଡରେ ରହିଥିବା ବେଳେ ଚଳିତ ବର୍ଷ ଏହି ପ୍ରକଳ୍ପକୁ ଦୀର୍ଘ ୮ ମାସ ହେଲା ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ପାଇଁ ଠିକାରେ ଦିଆଯାଇଥିଲା। କିନ୍ତୁ ଠିକାଦାର ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସାରିବା ତ ଦୂରର କଥା ଏ ପର୍ଯ୍ୟନ୍ତ ଉକ୍ତ କାମ ଆରମ୍ଭ କରିନାହାନ୍ତି। ଫଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନନ୍ଦିନୀ ନାଳରେ ଆସୁଥିବା ପାଣି ବୁରୁପଡା ମୌଜା ଦୁଇ ରାସ୍ତାରେ ଆସୁଥିବା ବେଳେ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଅନ୍ୟ ଗୋଟିଏ ରାସ୍ତାରେ ବନ୍ୟା ପାଣି ଚାଲୁଛି। ଫଳରେ ଗୋଟିଏ ଭାଗ ମରୁଡ଼ି ପଡ଼ିବାରେ ଲାଗିଥିବା ବେଳେ ଅନ୍ୟ ଭାଗଟି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ତୁରନ୍ତ ଏହି କାର୍ଯ୍ୟ ଶେଷ କରିବା ଲାଗି ବୁରୁପଡା ଗ୍ରାମବାସୀମାନେ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ଟ୍ରକ୍ ସହ ଗଞ୍ଜେଇ ଜବତ ଘଟଣାକୁ ନେଇ ଉଠିଲା ପ୍ରଶ୍ନ

# ଗଞ୍ଜେଇ ପ୍ୟାକେଟ୍ କାଟି ଅଖାରେ ଭରିବାର ରହସ୍ୟ କଣ

● ସନ୍ଦେହ ଘେରରେ ଅବକାରୀ ବିଭାଗର କାର୍ଯ୍ୟକଳାପ
● ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକଙ୍କୁ ନାଲିଆଖି

ଆସିକା,୨୩।୭(ସମିସ): ଅବକାରୀ ବିଭାଗ ଏକ ଗଞ୍ଜେଇ ଟ୍ରକ୍ ଧରି ତଥ୍ୟ ଲୁଚାଇବା ଓ ଏଥିରେ ହେରଫେର କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହା ଆସିକା ଅବକାରୀ ବିଭାଗର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ପ୍ରକାଶ ଯେ, ଏକ ଗଞ୍ଜେଇ ଭର୍ତ୍ତି ୧୦ଚକିଆ ଟ୍ରକ (ନଂ.ଏମ୍ଏଚ୍ ୪୦ସିଟି-୨୦୫୨)କୁ ଆସିକା ଅବକାରୀ ବିଭାଗ ଜବତ କରିଥିବା ସୂଚନା ପାଇ ତଥ୍ୟ ସଂଗ୍ରହ କରିବାକୁ ଯାଇଥିଲେ ଗଣମାଧ୍ୟମ ପ୍ରତିନିଧି। ମାତ୍ର ସେମାନଙ୍କୁ ନାଲି ଆଖି ଦେଖାଇଥିଲେ ଅବକାରୀ ବିଭାଗ କର୍ମଚାରୀ ଓ ଅଧିକାରୀ। ଆସିକା ଅବକାରୀ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକଟି ଥିବାବେଳେ ସେଥିରୁ ଜବତ ଗଞ୍ଜେଇ ଉଭାନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅବକାରୀ କାର୍ଯ୍ୟାଳୟର ଏକ ବନ୍ଦ କୋଠରୀରେ କିଛି ବିଭାଗ କର୍ମଚାରୀ ଜବତ ଗଞ୍ଜେଇ ଭର୍ତ୍ତି ପ୍ୟାକେଟକୁ କାଟି ସେଗୁଡିକୁ ଜରି ଅଖାରେ ଭର୍ତ୍ତି କରୁଥିବା ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଘଟଣା ପ୍ରଘଟ ହେବା ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡିଥିବା ଅବକାରୀ କର୍ମଚାରୀ ହଠାତ୍ ଉତକ୍ଷିପ୍ତ ହୋଇ ଉଠିଥିଲେ। ଦୀର୍ଘ ସମୟ ପରେ ଅବକାରୀ ବିଭାଗ ଅଫିସ ସମ୍ମୁଖରେ ଥିବା ଟ୍ରକକୁ ଧରାକୋଟ ଥାନା ଅନ୍ତର୍ଗତ ଘାସିବିଲି ଛକକୁ ନିଆଯାଇଥିଲା। ସେଥିରୁ ଜରି ବସ୍ତାରେ ଗଞ୍ଜେଇ ସହ ଟ୍ରକକୁ ଜବତ କରାଯାଇଥିବା ବେଳେ ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିବା ନେଇ ଧରାକୋଟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଅତିରିକ୍ତ ତହସିଲଦାରଙ୍କ ଆଗରେ ଅବକାରୀ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ଆସିକା ଅଞ୍ଚଳରୁ ଟ୍ରକ ସହ ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ପକ୍ଷରୁ ସୋରଡ଼ାରେ କାହିଁକି ସାମ୍ବାଦିକ ସମ୍ମିଳନୀ କରାଗଲା ତାକୁ ନେଇ ଉଠିଛି ପ୍ରଶ୍ନ। ମାଜିଷ୍ଟ୍ରେଟଙ୍କ ବିନା ଉପସ୍ଥିତିରେ ଜବତ ଗଞ୍ଜେଇକୁ ପ୍ୟାକେଟରୁ ବାହାର କରି ଜରି ବସ୍ତାରେ ପୃଥକ କରି ରଖିବାକୁ କିଏ ଅନୁମତି ଦେଲା। ପୂର୍ବରୁ ଜବତ ଗଞ୍ଜେଇ ଓ ଅଫିସ ସମ୍ମୁଖରେ ଥିବା ଟ୍ରକକୁ ସନ୍ଧ୍ୟାରେ କମାଶାସନ ଛକ ନିକଟରୁ ଜବତ କରିବା ଭଳି ମାଜିଷ୍ଟ୍ରେଟଙ୍କୁ ଦେଖାଇବା ପଛର ରହସ୍ୟ କଣ। ସେପଟେ ଅବକାରୀ ବିଭାଗର କହିବା ପ୍ରକାରେ ଯଦି ଗଞ୍ଜେଇ ଟ୍ରକକୁ କମାଶାସନ ଛକରୁ ଜବତ କରାଯାଇଥିଲା ତେବେ ମଧ୍ୟାହ୍ନରେ ଆସିକା ଅବକାରୀ ବିଭାଗ କାର୍ଯ୍ୟାଳୟ ଭିତରେ ପ୍ୟାକେଟରେ ଥିବା ଗଞ୍ଜେଇ କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସେପଟେ ପୁଣି ଜରି ବସ୍ତା ଦେଖାଇ ସୋରଡ଼ାରେ ସାମ୍ବାଦିକ ସମ୍ମିଳନୀ କରିବା ପଛରେ କି ରହସ୍ୟ ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଛି।

ଅପରପକ୍ଷେ ଗିରଫ ବ୍ୟକ୍ତିଙ୍କ କହିବା ପ୍ରକାରେ ଆସିକା କାଳଷଣ୍ଢପୁରରେ ସେମାନଙ୍କୁ ଧରାଯାଇଛି। ଫଳରେ ଗଞ୍ଜେଇ ଜବତ ନେଇ ଅବକାରୀ ବିଭାଗ ସତ କହୁଛି ନାଁ ଗିରଫ ବ୍ୟକ୍ତି ସତ କହୁଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଅବକାରୀ ବିଭାଗ ମୁହଁ ଖୋଲିବାକୁ ପ୍ରସ୍ତୁତ ନାହିଁ ବରଂ ପାଲଟା ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି।

# ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ଦିନିକିଆ କର୍ମଶାଳା

ଛତ୍ରପୁର,୨୩।୭(ସମିସ): ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ସହରାଞ୍ଚଳର ବିକାଶ ଅପରିହାର୍ଯ୍ୟ। ସହରାଞ୍ଚଳ ମାନଙ୍କର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇ ପାରିଲେ ବିକଶିତ ଓଡିଶା ଓ ବିକଶିଥ ଭାରତ ଗଠନ ହୋଇପାରିବ। ସହରାଞ୍ଚଳରେ ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛତା, ପରିମଳ ଆଦି କ୍ଷେତ୍ରରେ ଯେପରି ଆହୁରି ଅଧିକ ବିକାଶ ହୋଇପାରିବ ସେଥିଲାଗି ବୁଧବାର ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ୟୁଏଲ୍‌ବି ଗୁଡିକର ଜନପ୍ରତିନିଧି ମାନଙ୍କ ଦକ୍ଷତା ବୃଦ୍ଧି ଓ କାର୍ଯ୍ୟ ଶୈଳୀର ଉନ୍ନତିକରଣ କରିବା ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ମେୟର, ଡେପୁଟି ମେୟର, କର୍ପୋରେଟର, ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଓ ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ/ ଅଧ୍ୟକ୍ଷା, ଉପାଧ୍ୟକ୍ଷ/ ଉପାଧ୍ୟକ୍ଷା ଏବଂ କାଉନସିଲରମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଗୁଡିକରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସଠିକ୍ ଭାବେ କାର୍ଯ୍ୟକାରି କରିବା ଓ ସେଗୁଡିକୁ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚାଇବା, ବିକଶିତ ଓଡିଶା ୨୦୩୬, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ, ପରିଷଦ ଓ ୟୁଏଲବିର ଭୂମିକା, ଦକ୍ଷତା ବୃଦ୍ଧି, ଗଠନ ଓ କାର୍ଯ୍ୟ ଓ ସୁଶାସନ, ପରିମଳ, ରାଜସ୍ୱ ଆଦାୟ, ବାସ ଯୋଗ୍ୟ ସହର ମିଶନ୍, ସମ୍ପ୍ରଦାୟ ସହରାଞ୍ଚଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଙ୍ଘମିତ୍ରା ଦଳାଇ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା, ଡେପୁଟି କମିଶନର ଆଶୀର୍ବାଦ ପରିଡା, ଆସ୍କା ଏନ୍ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ରମ୍ଭା ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚନାମାଳା, ସୁଜିତ କୁମାର ଭଟ୍ଟମିଶ୍ର, ଡୁଡା କାର୍ଯ୍ୟାଳୟର ସବ୍ୟସାଚୀ ପ୍ରଧାନ, ବି. ସନ୍ଦୀପ କୁମାର, ସୁଚିତ୍ରା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଷୟ ନେଇ ସମସ୍ତଙ୍କୁ କହିଥିଲେ।



## ଦୁଇ ଦୋକାନରୁ ଚୋରି

ସାନଖେମୁଣ୍ଡି,୨୩।୭(ସମିସ): ପାଟପୁର ଥାନା ସିଙ୍ଗିପୁର ପଞ୍ଚାୟତ ଡେଙ୍ଗାଓସ୍ତା ଛକ ସିଙ୍ଗିପୁର ରାସ୍ତାରେ ଥିବା ଦୁଇଟି ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ସୂଚନା ମୁତାବକ ଡେଙ୍ଗାଓସ୍ତା ସିଙ୍ଗିପୁର ଗ୍ରାମ ରାସ୍ତାରେ ଥିବା ଜଗନ୍ନାଥ ସାହୁଙ୍କ କମ୍ପ୍ୟୁଟର ଦୋକାନ ଓ ସଞ୍ଜୟ କୁମାର ସାହୁଙ୍କ ଭେରାଇଟ ଷ୍ଟୋରର ଭେଣ୍ଟିଲେଶନ ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନରେ ପଶି ଟଙ୍କା ଓ ଜିନିଷପତ୍ର ଚୋରି କରି ନେଇଥିବା ବୁଧବାର ଭୋରୁ ଜାଣିବାକୁ ପାଇଥିଲେ ଜଗନ୍ନାଥ ଓ ସଞ୍ଜୟ। ଏନେଇ ଉଭୟେ ପୋଡ଼ାମାରି ଫାଣ୍ଡିରେ ଜଣାଇବା ପରେ ପୁଲିସ ପହଞ୍ଚି ତଦନ୍ତ କରି ଫେରିଛି।

ଗତ କିଛିଦିନ ପୂର୍ବେ ଛଣମେରୀ ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର ଦୁଇଟି ଘରୁ ଚୋରି ହୋଇଥିଲା। ଅଞ୍ଚଳରେ ଏଭଳି ଚୋରି ବଢୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ଜମି ପଟ୍ଟା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

ଛତ୍ରପୁର,୨୩।୭(ସମିସ): ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା, ସାପ କାମୁଡା, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଓ ବିଜୁଳି ଆଘାତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ। ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ହିତାଧିକାରୀଙ୍କୁ ଚିହ୍ନଟ କରିବା, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାର ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କଲମ ଟୁ ଆର ଆରକରାଣ୍ଟନ (ଜମି ପଟ୍ଟା ଗୁଡିକ ଅପଡେଟ୍) ଗୁରତ୍ୱ ଦେବା, ସରକାରୀ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ, ପୋଲସରା ଓ ପୁରୁଷୋତ୍ତମପୁର ତହସିଲରେ ଚାଲିଥିବା ହାଇଟେକ୍ ସର୍ଭେର ରିପୋର୍ଟ ପ୍ରଦାନ କରିବା, ଏହା ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥି ହାଁସଦା, ଡେପୁଟି କଲେକ୍ଟର ଲୋପମୁଦ୍ରା ରଥ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏସଆରଏ ମଧୁସ୍ମିତା ନାୟକଙ୍କ ସମେତ ପୋଲସରା, ପୁରୁଷୋତ୍ତମପୁର, ଛତ୍ରପୁର, ହିଞ୍ଜିଳିକାଟୁ, ଗଞ୍ଜାମ, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ କୋଦଳା ତହସିଲଦାର ଉପସ୍ଥିତ ଥିଲେ।



● ଯୁବ ବ୍ୟବସାୟୀଙ୍କ ହତ୍ୟା ଘଟଣା

# ୫ ଅଭିଯୁକ୍ତଙ୍କୁ କାବୁକଲା ପୁଲିସ



ପୋଲସରା,୨୩।୭(ସମିସ): ପୋଲସରା କଳମ୍ବ ସାହି ଛକରେ ୬ ଜଣ ଦୁର୍ବୃତ୍ତ ଯୁବ ବ୍ୟବସାୟୀ ଗୁଡୁ ପ୍ରଧାନଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ତେବେ ହତ୍ୟାକାଣ୍ଡର ୨୪ ଘଣ୍ଟା ନପୂରୁଣୁ ପୋଲସରା ପୁଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୫ ଜଣ ଅପରାଧିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଧବପୃଷ୍ଟି ସାହିର ନାନକ ଜେନା, ବାବୁ ପ୍ରଧାନ, ରୁଦ୍ର ପ୍ରସାଦ ସାହୁ, ଖଣ୍ଡୁର ରାଜା ଜେନା, ମାଳିସାହିର ସୁଦାମ ମହାପାତ୍ର। ଜଣେ ଫେରାର ଥିବା ସୂଚନା ମିଳିଛି। ଏନେଇ ପୁରଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ତତ୍ତ୍ୱାବଧାନରେ ଥାନାରେ ଏକ ପ୍ରେସମିଟ୍ କରି ହତ୍ୟାକାଣ୍ଡର ସମସ୍ତ ସୂଚନା ପ୍ରଦାନ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ଡିପିଓ ଶ୍ରୀ ନାୟକଙ୍କ ସୂଚନା ଦେଇଛନ୍ତି।

■ ଜିଲ୍ଲାରେ ଜଳସେଚନର ସୁବିଧା ଦାବି

# ସରକାରଙ୍କ ବିରୋଧରେ ଗର୍ଜିଲା କଂଗ୍ରେସ

ଛତ୍ରପୁର,୨୩।୭(ସମିସ): ଅଖିଳ ଭାରତ କିଷାନ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକଙ୍କ ସମେତ ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲି ଚାଷୀ, ଚାଷୀ ସଂଗଠନ ଏବଂ ଚାଷୀ ନେତା ମାନଙ୍କ ଆଲୋଚନା କରିଛନ୍ତି, ପରେ ଛତ୍ରପୁରରେ ଆସି ସାମ୍ବାଦିକ ସମ୍ମିଳନୀ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣା ନୀତି ବିରୁଦ୍ଧରେ ଗର୍ଜିଛନ୍ତି। ରାଜ୍ୟରେ ଶାସନ ଭାର ବହନ କରୁଥିବା ବିଜେପି ଦଳ ଓ ସରକାର ରାଜ୍ୟର ଚାଷୀଙ୍କ ପାଇଁ ସମ୍ବେଦନଶୀଳ ନୁହଁନ୍ତି ବୋଲି କଂଗ୍ରେସର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହାସହିତ ଚାଷୀ ପଞ୍ଜିକରଣକୁ ସରଳୀକରଣ କରିବା, ଜିଲ୍ଲାର ସମସ୍ତ କ୍ଷେତକୁ ଜଳସେଚନ ସୁବିଧା, ଗଞ୍ଜାମ ଜିଲ୍ଲାରୁ ଦାଦନ ଶ୍ରମିକ ସମସ୍ୟା ହଟାଇବା ପାଇଁ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଏକମାତ୍ର ପଥ ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ସାଧାରଣ ନିର୍ବାଚନ ସମୟରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପୂରଣ କରିବାକୁ ଆହ୍ୱାନ ଦେଇଛନ୍ତି। ଚାଷୀଙ୍କୁ ବିଳମ୍ବିତ ସହାୟତାକୁ ତୀବ୍ର ସମାଲୋଚନା କରିବା ସହ ସ୍ୱତନ୍ତ୍ର କୃଷିନୀତି ପ୍ରଣୟନ ପାଇଁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁବାସ ରାଉତ, ବୃନ୍ଦାବନ ଖଟେଇ, ପଦ୍ମଚରଣସାହୁ, ଶ୍ୟାମ ସୁନ୍ଦର ସାହୁ, ମହେଶ୍ୱର ପାତ୍ର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଅଶୋକ ପଟ୍ଟନାୟକ, ଛାତ୍ର ନେତା ମହେଶ କୁମାର ଗୌଡ଼ଙ୍କ ସମେତ ବହୁ କଂଗ୍ରେସ ନେତା ମାନେ ଉପସ୍ଥିତ ଥିଲେ।




# ସିପିଆଇ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା



ଛତ୍ରପୁର,୨୩।୭(ସମିସ): ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସିପିଆଇ ଯୁବ ନେତା ସ୍ୱର୍ଗତ ସାକୁରା ବେହେରାଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଛତ୍ରପୁର ଜୋନାଲ ସହ ସମ୍ପାଦକ ଦୁର୍ଯ୍ୟୋଧନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ଜିଲ୍ଲା ସହ -ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ଼ୀ, ସହ- ସମ୍ପାଦକ ରାଜେନ୍ଦ୍ର ନାହାକ, ବରିଷ୍ଠନେତା ଏସ.କ୍ରିଷ୍ଣା ରେଡ଼ୀ, ଆଇନଜୀବୀ ଆଦିତ୍ୟ ମିଶ୍ର, ଆର. ସହଦେବ ରେଡ଼ୀ, ପି. ନାରାୟଣ ରେଡ଼ୀ, ଏନ. ମୁନାପାତ୍ର ନବୀନ ଗୌଡ଼, ଏନ.ସୁକାନ୍ତ ଆଚାରୀ, ଆର. ହରିଶ ରେଡ଼ୀ ଓ ଡି ରାଜେଶ ରେଡ଼ୀଙ୍କ ସମେତ ବହୁ ଯୁବକ ଏବଂ ସିପିଆଇ ନେତା ଓ କର୍ମୀ ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ।

# ଧରା ଶ୍ରାବଣରେ ଡହ ଡହ ଖରା; ଚିନ୍ତାରେ ଚାଷୀ

ଧରାକୋଟ,୨୩।୭(ସମିସ)

ଚାଷୀ ହେଉଛି ଦେଶର ମେରୁଦଣ୍ଡ। କଥାରେ ଅଛି ଚାଷୀ ହସିଲେ ଦେଶ ହସିବ। ଏଣୁ କୃଷକ ମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ କରିବା ପାଇଁ ସରକାର ଯୋଜନା ମାନ କରୁଛନ୍ତି। ହେଲେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଯୋଗୁ ହନ୍ତସନ୍ତ ହେଉଛି ଚାଷୀ। ଯାହାର ନିଚ୍ଛକ ଚିତ୍ର ଆଜି ଦେଖିବାକୁ ମିଳିଛି। ଧରାକୋଟ ବ୍ଲକର ୧୮ ଗୋଟି ପଞ୍ଚାୟତରେ ରହିଛି ୬୧୨୦ ହେକ୍ଟର ଧାନ ଚାଷ ଜମି। ଚଳିତ ବର୍ଷ ପାଣିପାଗ ବିଭାଗ ତରଫରୁ ସଅଳ ମୌସୁମୀର ଆଗମନ ସହ ଆବଶ୍ୟକତା ଠାରୁ ଅଧିକ ବର୍ଷା ହେବାର ସୂଚନା ମିଳିବା ପରେ ଚାଷୀ ମନରେ ଖୁସି ସଞ୍ଚାର ହୋଇଥିଲା। ହେଲେ ବାସ୍ତବ ଚିତ୍ର କିନ୍ତୁ ଅଲଗା ହେବାକୁ ବସିଲାଣି। ଗତ ଦୁଇବର୍ଷ ହେଲା ଅଭାବୀ ବର୍ଷା ଯୋଗୁ ଚାଷୀ କ୍ଷତି ସହିଥିବା ବେଳେ ଚଳିତ ବର୍ଷ ମଧ୍ୟ ଆବଶ୍ୟକ ଅନୁଯାୟୀ ବର୍ଷା ଏ ପର୍ଯ୍ୟନ୍ତ ହେଉନଥିବା ଯୋଗୁ ଚାଷୀ ମନରେ ଛନକା ପଶିଲାଣି। ବନ୍ଧ, ଗାଡିଆ, ନଦୀ, ନାଳ ସବୁ ଶୁଖିଲା ପଡ଼ିଛି। ତଳି ପକାଇବା ପୂର୍ବରୁ ଯାହା ବର୍ଷା ହୋଇଥିଲା ସେଥିରେ ଚାଷୀମାନେ ସଅଳ ତଳି ପକାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଲଗାଣ ବର୍ଷା ଯୋଗୁ ଚାଷୀମାନେ ଚୁବୁକି ତଳି ପକାଇଥିଲେ। ଆଗୁଆ ବର୍ଷା ଯୋଗୁ ସବୁଠାରୁ ବେଶି ଖୁସି ହୋଇଥିଲେ ଭାଗଚାଷୀ। ଧାର କରଜ କରି ହଳ, ଟ୍ରାକ୍ଟର, ପିଡ଼ିଆ ଦେଇ ତଳି ପକାଇଥିଲେ। ହେଲେ ଆଷାଢ଼ ଯାଇ ଶ୍ରାବଣ ଆସିଲା ହେଲେ ବର୍ଷାର ଦେଖାନାହିଁ। ଧାରା ଶ୍ରାବଣରେ ଅଧିକ ବର୍ଷା ହେବା ବଦଳରେ ଅଧିକ ଖରା ଯୋଗୁ ଖରା ଶ୍ରାବଣ ଭଳି ମନେହେଲଣି।

କୃଷି ସୂଚନା କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ ମାତ୍ର ୨୦ ପ୍ରତିଶତ ଜମିରେ ଧାନ ରୁଆ ଓ ବୁଣା ହୋଇଛି। ବଳକା ଧାନଚାଷଜମି ପାଣି ନଥିବା ଯୋଗୁ ପଡ଼ିଆ ରହିଛି। ଏପରି ସମୟରେ ଚାଷୀର ଦୁଃଖ ବଢ଼ାଇଛି ଉଠା ଜଳସେଚନ ବିଭାଗ। ଧରାକୋଟ ବ୍ଲକରେ ଉଠା ଜଳସେଚନ ବିଭାଗ ଅଧିନରେ ପ୍ରାୟ ୮୦ଟି ପଏଣ୍ଟ ରହିଥିଲେ ମଧ୍ୟ ମାତ୍ର ୧୦ଟିକୁ ଛାଡ଼ିଦେଲେ ସବୁ ଅଚଳ ହୋଇରହିଛି। ଏକଥା ବୁଝିବାକୁ କେହିନାହିଁ। ନା କାମ କରୁଛି ଧରାକୋଟରେ ଥିବା ବିଭାଗର କାର୍ଯ୍ୟାଳୟ ନା ଗୁହାରୀ ଶୁଣିବାକୁ ଅଛନ୍ତି କୋଉ ବାବୁ। ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ କର୍ମଚାରୀ ନଥିବାରୁ ଭୂତକୋଠୀ ପାଲଟି ଗଲାଣି। ଏଣୁ ପାଣି ବିନା ଚାଷୀ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହେଲାଣି। ଆସନ୍ତା ଦୁଇ ଚାରିଦିନ ମଧ୍ୟରେ ବର୍ଷା ନହେଲେ ତଳି ପୋଡ଼ିବା ନିଶ୍ଚିତ। ଏଣୁ ସରକାର ତୁରନ୍ତ ଉଠା ଜଳସେଚନ ପଏଣ୍ଟ ଗୁଡିକୁ ପୁନରୁଦ୍ଧାର କରିବା ସହ ହରଭଙ୍ଗି ଜଳସେଚନ ଯୋଜନାର କେନାଲକୁ ଧରାକୋଟ ନିକଟସ୍ଥ କଠୁଆଳିଘାଇ, ରସକୁମ୍ଭା ଓ ଯାନବିଲି ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଚାଷୀମାନେ ଦାବି କରିଛନ୍ତି।




**ସଅଳ ତଳି ପକାଇଥିଲେ, ପୋଡ଼ିବାକୁ ବସିଲାଣି**

**ଧୋକା ଦେଉଛି ଉଠାଜଳସେଚନ ପଏଣ୍ଟ**

# ମଦ୍ୟପର ଛୁରା ମାଡ଼ରେ ଯୁବକ ଗୁରୁତର

ଦିଗପହଣ୍ଡି, ୨୩।୭(ସମିସ): ବୁଧବାର ମଧ୍ୟାହ୍ନରେ ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ନିକଟ ଜନଗହଳି ପୂର୍ଣ୍ଣ ଜନତା ଲେନ୍ ରାସ୍ତାରେ ଜଣେ ମଦ୍ୟପ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛି। ନିଶାସକ୍ତ ଅବସ୍ଥାରେ ସେ ଦିଗପହଣ୍ଡି ଗୁଣ୍ଡିଚା ମନ୍ଦିର ଛକ ଅଞ୍ଚଳର କାହ୍ନା ସେଠୀ ନାମକ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରା ମାଡ଼ କରିଛି। ସ୍ୱଷ୍ଟ ଦିବାଲୋକରେ ଏହି ଘଟଣା ସାଧାରଣରେ କୋକୁଆ ଭୟ ସୃଷ୍ଟି କରିଛି। ଖବରପାଇ ଦିଗପହଣ୍ଡି ପୁଲିସ ଟିମ୍ ବ୍ରହ୍ମପୁର ମେନ୍ ରୋଡ ସେଣ୍ଟ୍ ଯୋସେଫ ସ୍କୁଲ ନିକଟରେ ରହୁଥିବା ଅରୁଣ ସେଠୀକୁ କାବୁ କରିବା ସହ ଛୁରୀ ଜବତ କରି ପଚରାଉଚରା ଚଳାଇଛି। ତେବେ କେଉଁ କାରଣରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ତାହା ଅସ୍ପଷ୍ଟ ରହିଛି। ଅପରପକ୍ଷରେ ପରିବାର ଲୋକେ ଗୁରୁତର ଅବସ୍ଥାରେ କାହ୍ନାଙ୍କୁ ପ୍ରଥମେ ଦିଗପହଣ୍ଡି ମେଡିକାଲ ଓ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଛି। ଖବର ଲେଖା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଥାନା ଅଧିକାରୀ ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

# ମୌଳିକ ସୁବିଧାରୁ ବଞ୍ଚିତ ନାମନଗଡ଼ ପଞ୍ଚାୟତର ୩ ଗାଁ

ଗୁମ୍ମା, ୨୩।୭ (ସମିସ)



ସରକାର ଉପାନ୍ତ ଅଞ୍ଚଳର ବିକାଶ ଲାଗି ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଆଉ କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କିଛି ଗାଁ ବିକାଶ ଠାରୁ ବହୁ ଦୂରରେ ରହିଥିବାବେଳେ ଏହି ଗ୍ରାମବାସୀ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏନେଇ ବାରମ୍ବାର ଜନପ୍ରତିନିଧି, ପ୍ରଶାସନକୁ ଗୁହାରି ପରେ ବି କୌଣସି ସୁଫଳ ମିଳିପାରୁନାହିଁ। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ଼ ପଞ୍ଚାୟତର ନୂଆବିତିସିଂ, ଲକ୍ଷ୍ମୀପୁର ଓ ତଳ ଲକ୍ଷ୍ମୀପୁର ଗ୍ରାମର ୫୦୦ରୁ ଅଧିକ ପରିବାର ରାସ୍ତା ନଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏମିତି କି ଭତ୍ତା ଏବଂ ରାସନ ଚାଉଳ ପାଇଁ କାଦୁଆ ପଚପଚ ମାଟି ରାସ୍ତାରେ ଜଙ୍ଗଲ ଭିତରେ ଚାଲି ଚାଲି ୬ କିମି ଯିବାକୁ ପଡୁଛି।

ବିଦ୍ୟାଳୟ ପାଇଁ ଗୋଷାଣୀ ବ୍ଲକ ଆଡ଼କୁ ଯିବାକୁ ହେଲେ ୩ କିମି ରାସ୍ତା। କିନ୍ତୁ ନାଳ ପାର ହେବାର ଭୟ ରହିଛି। ଅନ୍ୟପଟେ ଛୋଟ ଛୋଟ ପିଲାଙ୍କୁ ୬ କିମି ଜଙ୍ଗଲ ରାସ୍ତାରେ ଯିବା ଆସିବାରେ ବିପଦ ରହିଥିବାବେଳେ ଅନ୍ୟ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଛୋଟ ପିଲାଙ୍କୁ ହଷ୍ଟେଲ ସୁବିଧା ନଥିବାରୁ ବାପା ମାଆ ବିଦ୍ୟାଳୟରେ ଛାଡ଼ିବା ପୁଣି ଆଣିବାକୁ ୧୨ କିମି ପ୍ରତ୍ୟେକ ଦିନ ଯିବା ଆସିବା କାଠିକର ପାଠ ସାଜିଛି। ଗାଁକୁ ରାସ୍ତା ଭଲ ନଥିବାର କେବେ ଚାରିଚକିଆ ଯାନ ଦେଖିନାହାନ୍ତି ଗ୍ରାମବାସୀ ଏବଂ ଆମ୍ବୁଲାନ୍ସ ଆସିପାରୁନାହିଁ। ହଠାତ ଯଦି କାହାର ସ୍ୱାସ୍ଥ୍ୟ ଖରାପ ହୁଏ ବାଇକ୍‌ରେ ହିଁ ଯିବାକୁ ପଡୁଛି। ଆଉ ଗର୍ଭବତୀ କିମ୍ବା ବୃଦ୍ଧବୃଦ୍ଧାଙ୍କୁ ଭାର କରି ବୋହି ନେଉଥିବା ଏହି ଗାଁ ପାଇଁ ନୂଆ କଥା ନୁହେଁ ବୋଲି କହିଛନ୍ତି ଗ୍ରାମବାସୀ। ତିନି ଖଣ୍ଡ ଗ୍ରାମବାସୀଙ୍କ ଦୁଃଖ ଦୂର କରିବାକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ଲାଗି ରହିଛି। ବର୍ଷା ଋତୁରେ ବି ଝରଣା ପାଣି ପାଇଁ ଦେଢ଼ କିମି ପାହାଡ଼ ଚଢ଼ିବା ସହ ଗ୍ରୀଷ୍ମ ଋତୁରେ ଗୋଟିଏ ହାଣ୍ଡି ପାଣିକୁ ସଞ୍ଚୟ କରି ରଖି ଦୁଇ ତିନିଦିନ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ବର୍ଷା ଋତୁରେ ଝରଣା ପାଣି ପିଇ ବିଭିନ୍ନ ରୋଗରେ ମଧ୍ୟ ପଡୁଥିବା କହିଛନ୍ତି। ବାରମ୍ବାର ଅଭିଯୋଗ ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ନଳକୂପ ସ୍ଥାପନ କରାଯାଇଛି। କିନ୍ତୁ ସେଥିରୁ ଗୋଳିଆ ଓ ନାଲି ପାଣି ବାହାରୁଛି। ତୁରନ୍ତ ପକ୍କା ରାସ୍ତା ଓ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ଏହି ତିନି ଗ୍ରାମବାସୀ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟାଙ୍କ କହିବା ଅନୁଯାୟୀ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ ମାଗି କେଉଁ କାରଣରୁ କାର୍ଯ୍ୟରେ ଅବହେଳା ହୋଇଛି ଜାଣିବା ପରେ ରାସ୍ତା ନିର୍ମାଣ ସହ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।

- ନୂଆବିତିସିଂ, ଲକ୍ଷ୍ମୀପୁର ଓ ତଳ ଲକ୍ଷ୍ମୀପୁରକୁ ରାସ୍ତା ନାହିଁ
- ପାଣି ପାଇଁ ଦେଢ଼ କିମି ପାହାଡ଼ ଚଢୁଛନ୍ତି ଲୋକେ

# ଦୁଇ ବାଇକ୍ ମୁହାଁମୁହିଁ; ତିନି ଗୁରୁତର



ଫିରିଙ୍ଗିଆ, ୨୩।୭ (ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ପଲାବୃଡ଼ି ପଞ୍ଚାୟତ ମୁସେଲି ପଙ୍ଗା ଗାଁ ମୁଖ୍ୟରାସ୍ତା ବରଗଛ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ତିନି ଜଣ ଆହତ ହୋଇଛନ୍ତି। ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବୁଧବାର ଅପରାହ୍ଣରେ ଗୋଛାପଡ଼ା ପଞ୍ଚାୟତ ପଣସମୁଣ୍ଡା ଗାଁର ମନୋରଞ୍ଜନ କହଁର କୌଣସି କାମରେ ଫିରିଙ୍ଗିଆ ବ୍ଲକକୁ ଆସି କାମ ସାରି ଗାଁକୁ ଫେରୁଥିବାବେଳେ ମୁସେଲୀପାଙ୍ଗା ଗାଁ ନିକଟ ରାସ୍ତାରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବ ଅନ୍ୟ ଏକ ବାଇକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ମନୋରଞ୍ଜନ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ବାଇକ ଆରୋହୀ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ଗ୍ରାମବାସୀ ଆମ୍ବୁଲାନ୍ସରେ ଆହତ ମାନଙ୍କୁ ପ୍ରଥମେ ଗୋଛାପଡ଼ା ମେଡିକାଲକୁ ନେଇଥିଲେ। ଗୁରୁତର ଆହତଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇଛି।

# ଜମିଜମାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ



ଦାରିଙ୍ଗବାଡ଼ି, ୨୩।୭ (ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ମିଞ୍ଜାପଙ୍କା ଓ ରାମ୍ଭୁଲି ଗ୍ରାମର ଜମିଜମାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ଆହତ ହୋଇଥିବା ଖବର ପାଇ ବ୍ରାହ୍ମଣୀଗାଁ ପୁଲିସ ଘଟଣାସ୍ଥଳକୁ ଯାଇ ଉଭୟଙ୍କୁ ବୁଝାସୁଝା କରି ସମାଧାନ ନେଇ ବ୍ରାହ୍ମଣୀଗାଁ ଥାନାକୁ ନେଇଥିବା ସୂଚନା ମିଳିଛି। ବିଭାଗୀୟ ଅଧିକାରୀ ଦୀର୍ଘବର୍ଷ ଧରି ଜମିପଟ୍ଟା ଦେଇ ଲୋକଙ୍କୁ ଜମି ଚିହ୍ନଟରେ ବିଳମ୍ବ କରାଯିବା ଓ ଉଭୟ ଗ୍ରାମରେ ରହିଥିବା ଜମି ବିବାଦକୁ ସମାଧାନ କରିବାରେ ଅହେତୁକ ବିଳମ୍ବ ଯୋଗୁଁ ଏବେ ଅଞ୍ଚଳରେ ଜମି ବିବାଦ ମୁଣ୍ଡ ଟେକିଥିବା ଅଭିଯୋଗ ହେଉଛି। ଏଥିପାଇଁ ଦାୟିତ୍ୱରେ ରହିଥିବା ରାଜସ୍ୱ ନିରୀକ୍ଷକଙ୍କୁ ଅଞ୍ଚଳବାସୀ ଦାୟୀ କରିଥିବା ଏବଂ ଲୋକେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ିଥିଲେ ମଧ୍ୟ ତାଙ୍କ ଅଭିଯୋଗ କେହି ଶୁଣି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଆରୋଗ୍ୟ କେନ୍ଦ୍ର ନିକଟରେ ଆବର୍ଜନା ପାହାଡ଼



ପାରଳାଖେମୁଣ୍ଡି, ୨୩।୭ (ସମିସ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱଚ୍ଛତାହିଁ ସେବା ପକ୍ଷ ପାଳନ କରାଯାଉଛି। ହେଲେ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ପଡ଼ିଥିବା ଦେଖିବାକୁ ମିଳୁଛି। ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ନୂଆକେରାଣ୍ଡି ଗ୍ରାମରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିକଟ ତଥା ଡାଳିମ୍ବପୁର ରାସ୍ତାରେ କୁଢକୁଢ ଅଳିଆ ପଡ଼ିରହିଛି। ଆରୋଗ୍ୟ କେନ୍ଦ୍ର ନିକଟରେ ରହିଛି ବିଦ୍ୟାଳୟ। ଏପରି ଦୀର୍ଘଦିନ ହେଲା ଅଳିଆ ଆବର୍ଜନା ଗୁଡ଼ିକୁ ପକାଇ ଦେଇ ରଖୁଥିବା ଯୋଗୁଁ ଅଞ୍ଚଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ସହ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି।

# ଟିକାବାଲି କଲେଜରେ ପୋଷ ଆଇନ ଓ ୟୁଜିସି ନିୟମ କର୍ମଶାଳା

ଟିକାବାଲି, ୨୩।୭ (ସମିସ): ଟିକାବାଲି ଏଏମ୍‌ସିଏସ୍ କଲେଜରେ ମାନସିକ ଓ ଶାରୀରିକ ସ୍ତରରେ ନିର୍ଯାତନା ରୋକିବାକୁ ଛାତ୍ରଛାତ୍ରୀ ଓ କଲେଜର ସମସ୍ତ କର୍ମଚାରୀଙ୍କୁ ନେଇ ପୋଷ ଆଇନ ଓ ୟୁଜିସିର ନୀତିନିୟମ ସମ୍ପର୍କରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ରତନ ଡିଗାଲ ପୋଷ ଆଇନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। କଲେଜରେ କିପରି ଶୈକ୍ଷିକ ବାତାବରଣ ରହିବ ଏବଂ କୌଣସି ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କୁ ଯୌନ ନିର୍ଯାତନାରୁ ରୋକା ଯାଇ ପାରିବ ସମସ୍ତେ ଭଗବାନଙ୍କ ନାମରେ ଶପଥ କରି ସଂକଳ୍ପ କରିଥିଲେ।




ଷ୍ଟାଫ ସେକ୍ରେଟାରୀ ବନମାଳୀ ବେହେରା ଅଭ୍ୟନ୍ତରୀଣ କମିଟି କଲେଜ ପରିସରରେ କିପରି ସଜାଗ ରହିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ଅଧ୍ୟାପିକା ସଂଘମିତ୍ରା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଲା ଷଣ୍ଢକୁ ହାଣି ପକାଇଲେ



ଗୁମ୍ମା, ୨୩।୭ (ସମିସ): ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗୁମ୍ମା ସଦର ମହକୁମା ପାଇକ ସାହି, ଖ୍ରୀଷ୍ଟିୟାନ ସାହି, ହାଟପଦା ଛକ ବଜାରରେ ଅନେକ ବର୍ଷ ଧରି ବୁଲୁଥିବା ଏକ ଷଣ୍ଢକୁ କିଛି ଦୁର୍ବୃତ୍ତ ମରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ଶଙ୍କରାଖୋଲ ପଞ୍ଚାୟତରେ ଗ୍ରାମସଭା

ଚକାପାଦ, ୨୩।୭ (ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦୈତାରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସରପଞ୍ଚ ଜାନକୀ ପ୍ରଧାନ, ନାଏବ ସରପଞ୍ଚ ମାଳେଶ୍ୱର କହଁର, ଏମବିକେ ସତବନ୍ତି ଦିଗାଲ, ଏଡିଇଓ ରିତାରାଣୀ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଆର୍‌ଏସ୍ ଇନ୍‌ଚାର୍ଜ ପ୍ରମୋଦ କୁମାର ଦିଗାଲ, ଗାଁ ସାଥୀ ଗୋବିନ୍ଦ ଅମାତ୍ୟ, ପ୍ରଫୁଲ୍ଲ କହଁର, ସିଆରପି, ଅଙ୍ଗନବାଡି ଦିଦି ତଥା ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ପଞ୍ଚାୟତରେ ଥିବା ଗ୍ରାମ ଗୁଡିକ ବିଭିନ୍ନ ସମସ୍ୟା ତଥା ସରକାରଙ୍କ ତରଫରୁ ଆସୁଥିବା ଯୋଜନା ବିଷୟରେ ରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକ

ଫୁଲବାଣୀ, ୨୩।୭ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ, ପଞ୍ଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, କନ୍ଧମାଳ ଅତିରିକ୍ତ ରମେଶ ଚନ୍ଦ୍ର ଜେନା ଓ କୁଶଳ ଚନ୍ଦ୍ର ନାଏକ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, କନ୍ଧମାଳ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବୌଦ୍ଧ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡା ଉପଜିଲ୍ଲାପାଳ, ଡ. ରୀନା ପ୍ରଧାନ, ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପରିଷଦର କାର୍ଯ୍ୟନିର୍ବାହ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀ ଆଦି ଉପସ୍ଥିତ ଥିଲେ।

# ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଓଲଟିଲା ଟ୍ରକ୍

ନବରଙ୍ଗପୁର, ୨୩।୭ (ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ଓଲଟି ପଡିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ପ୍ରକାରେ ଉମରକୋଟ ଠାରୁ ରାୟପୁର ଯାଉଥିବା ଏକ ଧାନ ବୋଝେଇ ଟ୍ରକ୍ ଝରିଗାଁ ଦେଇ ଚନ୍ଦାହାଣ୍ଡି ଯାଉଥିବା ବେଳେ ପ୍ରାୟ ଆଜି ଦିନ ଏକ ଘଣ୍ଟା ସମୟରେ ଭାରସାମ୍ୟ ହରାଇ ଝରିଗାଁ-ଚନ୍ଦାହାଣ୍ଡି ଘାଟିର ରାସ୍ତା କଡ଼ରେ ଓଲିଟି ପଡିଥିଲା। ତେବେ ଗାଡ଼ିରେ ଜଣେ ଚାଳକ ଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବର ପାଇ ଝରିଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



ପାରଳାଖେମୁଣ୍ଡି, ୨୩।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ସୁଭଦ୍ରା ଶକ୍ତି କାଫେ ପରିଚାଳନା କରିବା ପାଇଁ ପ୍ରଦାନ କରାଯାଇଛି। ଏଥିସହ କାଫେ ଦାୟିତ୍ୱରେ ଥିବା ମହିଳାଙ୍କ ସହିତ ଜିଲ୍ଲାପାଳ ଆଲୋଚନା କରିଥିଲେ। ମହିଳା ଉଦ୍ୟୋଗୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସଫଳତା କରାଇବା ପାଇଁ ଉତ୍ସାହିତ କରିଥିଲେ। ଏହି କାଫେରେ ସୁଲଭ ମୂଲ୍ୟରେ ବିଭିନ୍ନ ଖାଦ୍ୟ ଗ୍ରାହକଙ୍କୁ ଯୋଗାଇ ଦେବେ ବୋଲି କାଫେ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଗଜପତି ଟିମନ ବାରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ମୋହନାରେ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ଦାବିପତ୍ର



ପାରଳାଖେମୁଣ୍ଡି, ୨୩।୭ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକରେ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଜପତି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୋହନା ବ୍ଲକର ପାଣ ଖ୍ରୀଷ୍ଟିଆନ୍ ଯୁବ ସମାଜ ପକ୍ଷରୁ ଏହି ଦାବିପତ୍ର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ପ୍ରଦାନ କରାଯାଇଛି। ଏହି ବ୍ଲକ ଅଞ୍ଚଳରେ ରକ୍ତ ଭଣ୍ଡାର ନଥିବାରୁ ଗର୍ଭବତୀ ହେଉ କି ଗୁରୁତର ରୋଗୀଙ୍କୁ ରକ୍ତ ଆବଶ୍ୟକ ପଡ଼ିଲେ ଶତାଧିକ କିମି ଦୂର ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ନଚେତ ବ୍ରହ୍ମପୁର ସ୍ଥିତ ଡାକ୍ତରଖାନାକୁ ନେବାକୁ ପଡୁଛି। ଏହି ବ୍ଲକର ଚନ୍ଦ୍ରଗିରି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରୋଗୀଙ୍କୁ ଶତାଧିକ କିମି ଦୂରତାରେ ଥିବା ରକ୍ତଭଣ୍ଡାର ବା ଡାକ୍ତରଖାନାକୁ ନେବାକୁ ପଡୁଥିବାବେଳେ ଅନେକ ସମୟରେ ରୋଗୀ ପହଞ୍ଚିଲାବେଳକୁ ମୃତ୍ୟୁ ଘଟୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମୋହନା ବ୍ଲକରରେ ଏକ ରକ୍ତଭଣ୍ଡାର ସ୍ଥାପନ କରାଯିବାକୁ ଦାବି ହେଉଛି। ଏହି ବ୍ଲକ ଅଡବା, ମୋହନା ଓ ଚନ୍ଦ୍ରଗିରି ଜୋନ୍‌ରେ ୩୯ ପଞ୍ଚାୟତ ରହିଛି। ଏହି ବ୍ଲକରେ ରକ୍ତଭଣ୍ଡାର ସ୍ଥାପନ ହେଲେ କେବଳ ମୋହନା ବ୍ଲକ ନୁହେଁ ଆର.ଉଦୟଗିରି ଓ ନୂଆଗଡ଼ ବ୍ଲକର ବହୁ ସଂଖ୍ୟକ ଗ୍ରାମବାସୀ ତଥା ରୋଗୀ ଉପକୃତ ହୋଇପାରିବେ ବୋଲି ସେମାନେ କହିଛନ୍ତି। ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ବେଳେ ପାଣ ଖ୍ରୀଷ୍ଟିଆନ୍ ଯୁବ ସମାଜ ମୋହନା ବ୍ଲକ ସଭାପତି ହରିଚନ୍ଦନ ବେହେରା, କୈଳାଶ ଚନ୍ଦ୍ର ନାୟକ, ନିର୍ମଳ କୁମାର ବୀରଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ। ଏହି ଦାବିକୁ ମୋହନା, ଆର.ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମର୍ଥନ ଜଣାଇ ଦାବିପତ୍ରରେ ଦସ୍ତଖତ କରିଛନ୍ତି।

# ବିଦ୍ୟୁତ୍ ଆଲୁଅରୁ ବଞ୍ଚିତ ମାଦେପାଙ୍ଗା ଗ୍ରାମବାସୀ

## ଡିବିରି ଓ କାଠ ଆଲୁଅ ଭରସା

ଫିରିଙ୍ଗିଆ, ୨୩।୭ (ସମିସ)



ସରକାର ଡିଜିଟାଲ୍ ଇଣ୍ଡିଆର ସ୍ୱପ୍ନ ଦେଖାଉଥିବାବେଳେ ଆଜି ବି ଏମିତି ଗାଁ ରହିଛି ଯେଉଁଠି ବିଜୁଳି ଆଲୁବ ବି ପହଞ୍ଚି ପାରିନାହିଁ। ଅନ୍ଧାରୀ ମୂଳକରେ ଦୁର୍ବିସହ ଜୀବନ ଜୀଉଁଛନ୍ତି ଏହି ଅଞ୍ଚଳବାସୀ। ରାସ୍ତା ଘାଟ, ପାନୀୟ ଜଳ ହେଉ କି ବିଦ୍ୟୁତ୍ ସଂଯୋଗ ଭଳି ମୌଳିକ ସୁବିଧା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ଅଞ୍ଚଳବାସୀ। ଏପରି ଏକ ଗାଁ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପରପାଙ୍ଗା ପଞ୍ଚାୟତର ୯ ନମ୍ବର ୱାର୍ଡ ମାଦେପାଙ୍ଗା ଗ୍ରାମ। ଏହି ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ଥିବାବେଳେ ବିଜୁଳି ଆଲୁଅ ଦେଖିବା ସାତ ସପନ ହୋଇଛି। ଯାହାଦ୍ୱାରା ବର୍ତ୍ତମାନ ବି ଗ୍ରାମବାସୀଙ୍କ ପାଇଁ ଡିବିରି ଆଲୁଅ ସାହାଭରସା ପାଲଟିଛି।

ମାଦେପାଙ୍ଗା ଗାଁରେ ପ୍ରାୟ ୧୭ ଘର ରହିଛି। ଗ୍ରାମବାସୀ ବିଦ୍ୟୁତ ସଂଯୋଗ ପାଇଁ ବାରମ୍ବାର ପ୍ରଶାସନ ପାଖରେ ଲିଖିତ ଭାବରେ ଦାବି କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଗ୍ରାମବାସୀଙ୍କ ପାଇଁ ଡିବିରି ଆଲୁଅ ଏକମାତ୍ର ଭରସା ହୋଇଛି। ଛୋଟ ପିଲାମାନେ ପାଠପଢ଼ା ପାଇଁ ଡିବିରୀ ଆଲୁଅରେ ପଢୁଥିବା ବେଳେ କିରାସିନି ନଥିଲେ ଜାଳ କାଠରେ ନିଆଁ ଲଗାଇ ରାତି ବିତାଉଛନ୍ତି। ସରକାରଙ୍କ ତରଫରୁ ତୁରନ୍ତ ଗାଁରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କଲେ ମାଦେପାଙ୍ଗା ଗ୍ରାମବାସୀ ଉପକୃତ ହେବେ ବୋଲି ଗାଁର ସନ୍ତୋଷ କହଁର, ତ୍ରିଲୋଚନ କହଁର, ସ୍ୱପ୍ନେଶ୍ୱର କହଁର, ସୁଶାନ୍ତ କହଁର, କେଶବ କହଁର, ରାମେଶ କହଁର, ଚୈତନ୍ୟ କହଁର, ବାବୁଲା କହଁର କହିଛନ୍ତି। ତୁରନ୍ତ ଗାଁରେ ବିଦ୍ୟୁତ ସଂଯୋଗ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏସମ୍ପର୍କରେ ଦାୟିତ୍ୱରେ ଥିବା ବିଦ୍ୟୁତ ବିଭାଗୀୟ ଅଧିକାରୀ ଏସ୍‌ଡିଓଙ୍କୁ ପଚାରିବାରୁ ଗାଁରେ ବିଦ୍ୟୁତ ନଥିବା ସ୍ୱୀକାର କରିବା ସହ ଯଥାଶୀଘ୍ର ଟେଣ୍ଡର ପରେ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି।

# ବସ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ



**ଶେରଗଡ,୨୩।୭ (ସମିସ):** ଆଜି ମା'ରାମଚଣ୍ଡୀ ଘରୋଇ ବସ୍ ମାଲିକ ସଂଘ ତରଫରୁ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନବନିର୍ମିତ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ଅକ୍ଷୟ କୁମାର ପାଣିଗ୍ରାହୀ, ଉପସଭାପତି ରମେଶ ଚନ୍ଦ୍ର ପାଢୀ, ହିଞ୍ଜିଳିକାଟୁ ବସ୍ ମାଲିକ ସଂଘର ସଭାପତି ଲାଲା ମହାପାତ୍ର, ସୋରଡା ସଂଘର ସଭାପତି. ଆସିକାର ପୂର୍ବତନ ସଭାପତି ମୁନା ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରକାଶ କରିଛନ୍ତି। ସଂଘର ଉପସଭାପତି ହରେକୃଷ୍ଣ ପ୍ରଧାନ, ସାଧାରଣ ସଂପାଦକ ବୁଲୁ ପୋଲେଇ, ଲିଗାଲ ଆଡଭାଇଜର ଅମୃତ ରାଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜିତୁ ଗୌଡ, ଉପଦେଷ୍ଟା ପଞ୍ଚାନନ ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପାତ୍ର, ଷ୍ଟାଣ୍ଡ ସେକ୍ରେଟାରୀ ମିଥୁନ ଗୌଡ ଓ ସୁନୀଲ ମାଦଳା, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର ତ୍ରିପାଠୀ, ସୁଶାନ୍ତ କୁମାର ପାତ୍ର, ରାଧା ମାଦଳା, ଗଗନ କୁମାର ପାଣିଗ୍ରାହୀ, ଜଗନ୍ନାଥ ରାଉତ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ପରିଶେଷରେ ସହସମ୍ପାଦକ ଜିତୁ ଗୌଡ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଅଧିକାଂଶ ସିସିଟିଭି ଅଚଳ

**ବ୍ରହ୍ମପୁର,୨୩।୭ (ସମିସ)**




ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୂତି ପରେ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସବୁ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। କ୍ୟାମ୍ପସର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ମଧ୍ୟରୁ ଅଧିକାଂଶ ଅଚଳ ପଡ଼ିଥିବା ଜଣାପଡିଛି। ଅଚଳ ସିସିଟିଭି କ୍ୟାମେରାର ମରାମତି ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ସେପଟେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନୂତନ ଭାବେ ସିସିଟିଭି ଲଗାଇବାକୁ ଗତବର୍ଷ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦେଇଥିଲେ। ତେବେ ଇତି ମଧ୍ୟରେ ଏକବର୍ଷ ବିତିଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। କ୍ୟାମ୍ପସରେ ୩ଶହ ସିସିଟିଭି କ୍ୟାମେରା ଲଗାଇବା ନେଇ କରାଯାଇଥିବା ଯୋଜନା କେବଳ ପ୍ରସ୍ତାବରେ ଅଟକି ରହିଛି। ଦକ୍ଷିଣଓଡିଶାର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ। ଏଠାରେ ଅଧ୍ୟୟନ ପାଇଁ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବହୁ ଜିଲ୍ଲାର ଛାତ୍ରଛାତ୍ରୀ ଆସିଥାନ୍ତି। ଫଳରେ ପ୍ରତିବର୍ଷ ପ୍ରାୟ ୪ହଜାର ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥାନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଓ ବିଭିନ୍ନ ଛାତ୍ରବାସରେ ଉଭୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସିସିଟିଭିର ବ୍ୟବସ୍ଥା କରିଛନ୍ତି।

ଗତ ୨୦୧୯-୨୦ମସିହାରେ ୭ଲକ୍ଷ ୪୪ହଜାର ୯୨୪ଟଙ୍କା ବ୍ୟୟରେ କ୍ୟାମ୍ପସରେ ମୋଟ ୧୨୪ଟି ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି। ବିଶ୍ୱବିଦ୍ୟାଳୟ ମୁଖ୍ୟ କୋଠା, ସାମାଜିକ ବିଜ୍ଞାନ କୋଠା ଓ ସେଣ୍ଟ୍ରାଲ ଲାଇବ୍ରେରୀରେ ୧୧୪ଟି ସିସିଟିଭି ଲାଗିଥିବା ବେଳେ ଦୁଇଟି ଛାତ୍ରୀନିବାସରେ ୧୪ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା। ସିସିଟିଭି ଲାଗିବା ଦିନଠାରୁ ରକ୍ଷଣାବେକ୍ଷଣା ହୋଇନଥିବା ବେଳେ ବର୍ଷାଧିକ କାଳ ଧରି ବହୁ ସିସିଟିଭି ଅଚଳ ହୋଇପଡ଼ିଛି। ସେହିପରି କିଛି ସିସିଟିଭିର ତାର ଛିଣ୍ଡି ଝୁଲୁଥିବା ଦେଖିବାକୁ ମିଳିଛି। ଆଉକିଛି ସିସିଟିଭି କାର୍ଯ୍ୟ କରୁଥିଲେ ହେଁ କଏଦ ହେଉଥିବା ଦୃଶ୍ୟ ସଠିକ ଭାବେ ଦୃଶ୍ୟମାନ ହେଉନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଓ ସିସିଟିଭିର ରକ୍ଷଣାବେକ୍ଷଣା ଅଭାବରୁ ଲକ୍ଷାଧିକ ଟଙ୍କାର ସିସିଟିଭି ବର୍ତ୍ତମାନ ନଷ୍ଟ ପ୍ରାୟ। ଅନ୍ୟପକ୍ଷରେ ଗତବର୍ଷ ଅକ୍ଟୋବର ୩୦ତାରିଖରେ କ୍ୟାମ୍ପସରେ ବିଭିନ୍ନ ସ୍ଥାନରେ ୩୦୦ଟି ସିସିଟିଭି ଲଗାଇବା



ପାଇଁ ଉଚ୍ଚଶିକ୍ଷା ବିଭାଗକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିଠି ଲେଖିଥିଲେ। ଏଥି ନିମନ୍ତେ ପ୍ରାୟ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣା ବାବଦକୁ ପ୍ରତିବର୍ଷ ପ୍ରାୟ ୧ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଚିଠି ଲେଖିବାର ଦିର୍ଘ ୧୦ମାସ ବିତିଯାଇଥିଲେ ହେଁ କ୍ୟାମ୍ପସରେ ନୂତନ ସିସିଟିଭି ଲାଗିବା ପ୍ରସ୍ତାବ କେବଳ ପ୍ରସ୍ତାବରେ ଅଟକି ରହିଛି। ତେଣୁ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ଏଭଳି ପରିସ୍ଥିତିରେ ନୂତନ ସିସିଟିଭି ଦୂରେଥାଉ ପ୍ରଥମେ ଅଚଳ ସିସିଟିଭି ଗୁଡିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।

## ବାପାକୁ ମାଡ଼ ମାରି ପୁଅ ଗିରଫ

**ବୁଗୁଡା,୨୩।୭ (ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଚକରାପଲ୍ଲୀ ଗ୍ରାମରେ ବାପକୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇଛି। ଆହତ ବାପା ହେଲେ ଜୁରିଆ ବେହେରା ଓ ଗିରଫ ପୁଅ ହେଲେ ଲୋକନାଥ ବେହେରା। ଏନେଇ ଥାନାରେ କେସ୍ ନଂ ୪୬୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗତ ମଙ୍ଗଳବାର ସକାଳେ ଲୋକନାଥ ନିଶାପାନ କରି ଘରକୁ ଆସିଥିଲେ। ଘରେ ଥିବା ତାଙ୍କର ସାଇକଲଟି କୌଣସି କାରଣରୁ ପଡିଯାଇଥିଲା। ସେହି ସାଇକେଲଟିକୁ ଉଠାଇବାକୁ ପୁଅ ଲୋକନାଥ ବାପାକୁ କହିଥିଲେ। ବାପା ସାଇକେଲଟିକୁ ଉଠାଇବାକୁ ମନା କରିବାରୁ ପୁଅ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲା। ଏଥିରେ ବାପା ଜୁରିଆ ଆହତ ହୋଇଥିଲେ ଏବଂ ଏ ନେଇ ପୋଲିସ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବୁଧବାର ଲୋକନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ବଜ୍ରାଘାତରେ ଛେଳି ଚରାଳି ଗୁରୁତର

**ବେଲଗୁଣ୍ଠା,୨୩।୭ (ସମିସ):** ବେଲଗୁଣ୍ଠା ଗୋଲା ସାହିର ଜି ସନ୍ତୋଷଙ୍କ ପୁଅ ଜି. କାହ୍ନା ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ସେ ପ୍ରତିଦିନ ଭଳି ବୁଧବାର ଛେଳି ଚରାଇବା ପାଇଁ ନିକଟସ୍ଥ ଜିରୋଳି ନିକଟକୁ ଯାଇଥିଲେ। ସେଠାରେ ଅପରାହ୍ଣରେ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ବର୍ଷା ସମୟରେ କାହ୍ନା ଛେଳି ସହ ଏକ ଗଛମୂଳେ ଆଶ୍ରୟ ନେଇଥିଲା ଓ ସେହି ସମୟରେ ବଜ୍ରାଘାତ ଯୋଗୁ କାହ୍ନା ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲ୍ ନେଇଥିଲେ ଓ ପରେ ତାର ଅବସ୍ଥା ଗୁରୁତର ହେବାରୁ ତାକୁ ବ୍ରହ୍ମପୁର ପଠାଇ ଦିଆଯାଇଛି। ଖବର ପାଇ ବେଲଗୁଣ୍ଠା ଗଲାସାହିର ଏକ ନମ୍ବର କାଉନସିଲର ଏସ ଭାସ୍କର ପାତ୍ର ଭଞ୍ଜନଗର ମେଡିକାଲ ଯାଇ କାହ୍ନର ସ୍ୱାସ୍ଥାବସ୍ଥା ପଚାରି ବୁଝିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୁଷୋତ୍ତମପୁର,୨୩।୭ (ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା ମେଡିକାଲ ଛକରେ ମରିଚ ଗୁଣ୍ଡ ଫିଙ୍ଗି ଖଣ୍ଡାରେ ଆକ୍ରମଣ ଘଟଣାରେ ପୁଲିସ ୨ ଜଣକୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ନାଇଡୁପଲ୍ଲୀ ଗ୍ରାମର ସାଗର ନାହାକ (୨୦) ଭାଟକୁମରଡା ଗ୍ରାମର ଆୟୁଷ୍ମାନ ସାହୁ(୧୬) ଓରଫ(ରାହୁଲ)। ମଙ୍ଗଳବାର ସନ୍ଧ୍ୟାରେ ମେଡିକାଲ ଛକ ନିକଟସ୍ଥ ଏକ ଦୋକାନକୁ ଆରିୟନ ବେହେରା ନାମକ ଜଣେ ଯୁବକ ଥଣ୍ଡା ଦେବାକୁ ଯାଇଥିବା ବେଳେ ସାଗର ଓ ରାହୁଲ ଦୁହେଁ ପ୍ରଥମେ ମରିଚ ଗୁଣ୍ଡ ଫିଙ୍ଗିବା ପରେ ଖଣ୍ଡାରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଯୁବକଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁରୁଷୋତ୍ତମପୁର ଥାନା ଅଧିକାରୀ ପୁଲିସ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ଆରିୟାନଙ୍କ ବାପା ଗଙ୍ଗାଧର ବେହେରା ଏନେଇ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଫେରାର ଥିବା ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥିବା ଥାନା ଅଧିକାରୀ ରାଜେଶ କୁମାର ନାୟକ ସୂଚନା ଦେଇଛନ୍ତି।

## କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ



**ସାନଖେମୁଣ୍ଡି,୨୩।୭ (ସମିସ):** ସାନଖେମୁଣ୍ଡି ବ୍ଲକ ଜିଉରା ପଞ୍ଚାୟତ ଜିଉରା ଗ୍ରାମରେ ରଜକ ସମାଜ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ଜିଉରା ପଞ୍ଚାୟତ ସରପଞ୍ଚ ଲିସାରାଣୀ ପାତ୍ର, ସମିତି ସଭ୍ୟ ବିଟି ସେଠୀ, ନାଏବ ସରପଞ୍ଚ ସୀମାଞ୍ଚଳ ସେଠୀଙ୍କ ବହୁ କଂଗ୍ରେସ କର୍ମୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦିନ ଦିପ୍ରହରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଆସିକା,୨୩।୭ (ସମିସ):** ଆସିକା ଥାନା ଅନ୍ତର୍ଗତ ଗୁଣ୍ଠପଡା ପଞ୍ଚାୟତର ସୁମନ୍ତପଲି ଗାଁ ଛକରେ ତ୍ରିନାଥ ସେଠୀଙ୍କ ଘରେ ପଶି ୨୫ ହଜାର ଟଙ୍କା ସହ କାନ ଫୁଲ ଓ ନାକୁ ନେଇଗଲେ ଚୋର। ତ୍ରିନାଥ ଓ ତାଙ୍କ ସ୍ତ୍ରୀ ଉଭୟେ ମିଶି ବିଲକୁ କାମ କରିବାକୁ ଯାଇଥିବା ବେଳେ ଘରେ ତାଲା ପଡ଼ିଥିବା ଦେଖି ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ପଶିଥିଲେ। ଘରୁ ନଗଦ ଟଙ୍କା ସହ ସ୍ୱର୍ଣ୍ଣ ଅଳଙ୍କାର ଚୋରି କରି ନେଇଥିଲେ। ଘର ମାଲିକ ତ୍ରିନାଥ ସେଠୀ ଘରକୁ ଆସି ଦେଖିବା ବେଳେ ବାରି କବାଟ ଖୋଲାଥିଲା। ଏନେଇ ତ୍ରିନାଥ ଆସିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ବିଦ୍ୟୁତ୍ ବିଭ୍ରାଟ୍; ଜଙ୍ଗଲ ରାସ୍ତାରେ ଫସିଲା ଯାତ୍ରୀବାହୀ ଟ୍ରେନ୍

**ରମ୍ଭା,୨୩।୭ (ସମିସ):** ବେଙ୍ଗାଲୁରୁରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଏକ୍ସପ୍ରେସ ରମ୍ଭା ରେଲୱେ ଷ୍ଟେସନ ଛାଡିଲା ପରେ ୪:୩୦ ଘଣ୍ଟାରୁ ଖଲ୍ଲିକୋଟ ୩ କିଲୋମିଟର ଦୂରତାରେ ଘଞ୍ଚ ଜଙ୍ଗଲ ପାହାଡ଼ ଭିତରେ ଅନ୍ଧାରରେ ଫସିରହିଥିବା ଖବର ମିଳିଛି। ଦୁର୍ଘଟଣା ସ୍ଥଳରୁ ଖବର ମିଳିଛି ଯେ ଉପରୋକ୍ତ ସମୟରେ ଜୋର ବର୍ଷା, ପବନ ଏବଂ ଘଡଘଡି ଯୋଗୁଁ କୌଣସି କାରଣରୁ ରେଲୱେ ଇଲେକ୍ଟ୍ରି ପୋଲ ଅକ୍ସରେ ନଇଁ ଯାଇଥିବା ହେତୁ ଟ୍ରେନରେ ଘଷି ହୋଇ ଜୋରରେ ଭୟଙ୍କର ଶବ୍ଦ ହୋଇଥିବାରୁ ଟ୍ରେନ ଡ୍ରାଇଭର ଟ୍ରେନଟିକୁ ହଠାତ ଯାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସେହି ଜାଗାରେ ଅଟକାଇଥିଲେ। ଲଗାତାର ଦୁଇ ଘଣ୍ଟା ଜୋର ବର୍ଷା ଚାଲୁ ରହିଥିବା ବେଳେ ଏପରି ଘଟଣା ଘଟିଥିବା ଜଣାପଡିଛି। ପର ମୁହୂର୍ତ୍ତରେ ଟ୍ରେନ ଡ୍ରାଇଭର ବାହାରକୁ ଆସି ଦେଖିଥିଲେ ବିଦ୍ୟୁତ୍ ତାର ଟ୍ରେନରେ ଘଷି ହୋଇ ରହିଛି। ତତ୍‌କ୍ଷଣାତ ନିକଟବର୍ତ୍ତୀ ରମ୍ଭା ଷ୍ଟେସନକୁ ଖବର ଦେଇଥିଲେ। ଖବର ପାଇ ଛତ୍ରପୁର ଏବଂ ବାଲୁଗାଁ ଆସି ଇଲେକ୍ଟ୍ରି ଟାୱାର ଟିମ କାର୍ଯ୍ୟ ଚଳାଇଛନ୍ତି। ଘଞ୍ଚ ଜଙ୍ଗଲ ପାହାଡ଼ ଭିତରେ ଅନ୍ଧାରରେ ଯାତ୍ରୀମାନେ ଫସି ରହି ନାହିଁ ନଥିବା ହୀନସ୍ତା ହୋଇଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କ ଆତ୍ମାହୂତି ଉଦ୍ୟମ

**ଭଞ୍ଜନଗର,୨୩।୭ (ସମିସ):** ଭଞ୍ଜନଗର ଟିପିଏସଡିଓଏଲ କାର୍ଯାଳୟ ଭିତରେ ବୁଧବାର ଜଣେ ଅସ୍ଥାୟୀ କର୍ମଚାରୀ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କରିଛନ୍ତି। କର୍ମଚାରୀ ଜଣକ ସେହି କାର୍ଯାଳୟର ଏନ୍‌ଫୋର୍ସମେଣ୍ଟ ସୁପରଭାଇଜର ଭକ୍ତରାମ ସାହୁ ବୋଲି ଜଣାପଡିଛି। ଟିପିଏସଡିଓଏଲରେ ଦୀର୍ଘ ଚାରି ବର୍ଷ ହେବ କାମ କରୁଥିବା ଭକ୍ତରାମଙ୍କୁ ଚଳିତ ମାସ ୩୧ରୁ ଚାକିରୀରୁ ଅବ୍ୟାହତ ନେବା ନେଇ ତାଙ୍କୁ ଗତ କିଛିଦିନ ପୂର୍ବେ ବିଭାଗ ପକ୍ଷରୁ ନୋଟିସ ମିଳିଥିଲା। ଏହାପରେ ସେ ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ଏହାର କାରଣ ସହ ସ୍ଥାୟୀ ସମାଧାନ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ। ହେଲେ କୌଣସି ସୁଫଳ ମିଳିନଥିଲା। ଫଳରେ ଭକ୍ତରାମ ଗୋଟିଏ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେଇ କାର୍ଯ୍ୟାଳୟ ମଧ୍ୟରେ ଦେହରେ ଢାଳି ଆତ୍ମାହୂତି ଉଦ୍ୟମ କରୁଥିଲେ। ଦିଆସିଲିରୁ ନିଆଁ ଲଗାଇବା ପୂର୍ବରୁ ଅନ୍ୟ କର୍ମଚାରୀ ମାନେ ତାଙ୍କୁ କାବୁ କରିନେଇଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

**ଆସିକା,୨୩।୭ (ସମିସ):** ଆସିକା ଥାନା ଅନ୍ତର୍ଗତ ଝଗଡ଼େଇ ଗାଁରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତୀ ପ୍ରଧାନ(୬୫)। ସେ ବିଲକୁ କାମ କରିବାକୁ ଯାଇଥିବା ବେଳେ ସାପ କାମୁଡାରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣର ସଚେତନତା




**ପାରଳାଖେମୁଣ୍ଡି,୨୩।୭ (ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଗଜପତି ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ, ପୋଷ ଆଇନ ଓ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ନିର୍ଯାତନା ପ୍ରତିରୋଧ) ଆଇନ ବିଷୟରେ ଆଲୋଚନା ଓ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରି ପୋଷ୍ ଆଇନ ଓ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ପ୍ରତିରୋଧ ଆଇନର ମୁଖ୍ୟ ଉଦ୍ଦେଶ୍ୟ, ପ୍ରଧାନ ବିଧିବାଧକ ଓ ଏହାର ପ୍ରାସଙ୍ଗିକତା ବିଷୟରେ ଉପସ୍ଥିତଙ୍କୁ ସୂଚନା ଦେଇଥିଲେ। ମହିଳା ସମାଜ ପାଇଁ ଏହି ଆଇନ କିପରି ଏକ ଆଧାର ହିସାବରେ କାର୍ଯ୍ୟ କରୁଛି, ତାହା ଉଲ୍ଲେଖ କରିଥିଲେ। ସଚେତନତା ସଭାରେ ଏଡିଇଓ ଏସ. ଗିରିଧର, ଜିଲ୍ଲା କଲ୍ୟାଣ ଅଧିକାରୀ ସଲମାନ ରାଇକା, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାଶ ମଞ୍ଚାସୀନ ହୋଇ ଶିକ୍ଷା ମାଧମରେ ବିଧିଜ୍ଞାନ ଓ ସଚେତନତା କିପରି ଏକ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ ସମାଜ ଗଠନରେ ସାହାଯ୍ୟ କରିପାରେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

### ସରକାରୀ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ୪ ଶ୍ରେଣୀ ଗୃହରେ ପଢୁଛନ୍ତି ୧୭୫ ଛାତ୍ରଛାତ୍ରୀ

**ଜଗନ୍ନାଥପ୍ରସାଦ,୨୩।୭ (ସମିସ):** ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେଉଁଠି ଶିକ୍ଷକ, କେଉଁଠି ଭିତ୍ତିଭୂମି, ତ ପୁଣି କେଉଁଠି ସବୁ ଥାଇ ମଧ ଛାତ୍ରଛାତ୍ରୀଙ୍କ ଅଭାବ ଦେଖାଯାଉଛି। ଫଳରେ ସରକାରୀ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ଦୟନୀୟ ସ୍ଥିତିରେ ପହଞ୍ଚିଛି।



ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ ଝାଡ଼ଭୂମି ପଞ୍ଚାୟତର ତାମନାଡ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ସ୍କୁଲରେ ଶିଶୁବାଟିକା ଠାରୁ ଅଷ୍ଟମ ୧୭୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥି ମଧ୍ୟରୁ ଦୁଇଟି ଶ୍ରେଣୀ ଗୃହର କାନ୍ଥ ଫାଟିଥିବା ବେଳେ ଅନ୍ୟଟିର ଚଟାଣ ପ୍ଲାଷ୍ଟର ଛାଡିଯାଇଛି। କେତେବେଳେ ଭୂଷିଡି ପଡିବ କହି ହେବ ନାହିଁ। ତେଣୁ ଜାଗା ଅଭାବ ଯୋଗୁ ବେଳେବେଳେ ବାରଣ୍ଡାରେ ବସି ପାଠ ପଢୁଛନ୍ତି ପିଲା। ଗୋଟିଏ ଗୋଟିଏ କ୍ଲାସରୁମରେ ଦୁଇ ଦୁଇଟି କ୍ଲାସ ହେଉଥିବାରୁ ଗୋଟିଏ ଶ୍ରେଣୀର ପାଠ୍ ଅନ୍ୟ କ୍ଲାସ ପିଲା ଶୁଣିବାକୁ ବାଧ୍ୟ। ପାଚିକା କହିବା ଆଧାରରେ ରୋଷେଇ ଘର ଅଭାବ ରହିଛି। ଗୋଟିଏ ଭଙ୍ଗାରୁଜା କୁଡ଼ିଆରେ ଅସୁରକ୍ଷିତ ଭାବରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ସ୍କୁଲରେ ପାଚେରି ନାହିଁ ଏବଂ ସ୍କୁଲ ମଝିରେ ଗୋଟିଏ ଜରାଜୀର୍ଣ୍ଣ କୂଅ ଅଛି ଯାହାକି କେତେବେଳେ ଅଘଟଣ ଘଟିବ କହିହେବ ନାହିଁ।

୧୯୫୪ରେ ସ୍ଥାପିତ ବିଦ୍ୟାଳୟରେ ୫ଜଣ ଶିକ୍ଷକ ରହିଛନ୍ତି। ହେଲେ ଶ୍ରେଣୀ ଗୃହ ରହିଛି ମାତ୍ର ୪ଟି। ଅନ୍ୟପକ୍ଷେ ପିଲା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଶ୍ରେଣୀଗୃହ ଅଭାବରୁ ପାଠ ପଢାରେ ବ୍ୟାଘାତ ଘଟୁଥିବା ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମଲ କହିଛନ୍ତି। ଅନେକବାର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ପଞ୍ଚାୟତ ଅନୁଦାନରେ ବୋର୍ଡ ତିଆରି ହେଉଛି। କିନ୍ତୁ ରାଜନୈତିକ ଆକ୍ରୋଶ ରଖି ପୁଣି କାର୍ଯ୍ୟ ଆରମ୍ଭରୁ ବନ୍ଦ ହେଉଛି। ଆବଶ୍ୟକ ହେଉଥିବା ନୂତନ ଶ୍ରେଣୀ ଗୃହ ନିର୍ମାଣ ଦିଗରେ କୌଣସି ଉଦ୍ୟମ ମଧ ହେଉନାହିଁ। ଫଳରେ ପ୍ରାଥମିକ ସ୍ତରରେ ସେଠାରେ ଶିକ୍ଷାର ଏପରି ଅବସ୍ଥା ଅତ୍ୟନ୍ତ ଦୁଃଖଦାୟକ କରୁଛି ବୋଲି ଅଭିଭାବକ ଦାବି କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସହସ୍ରାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଦିଗରେ ଆବଶ୍ୟକ ହେଉଥିବା ନୂତନ ଶ୍ରେଣୀ ଗୃହର ତୁରନ୍ତ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବେଲଗୁଣ୍ଠା ପଞ୍ଚାୟତ ସମିତିର ସାଧାରଣ ବୈଠକ




**ବେଲଗୁଣ୍ଠା,୨୩।୭ (ସମିସ):** ବେଲଗୁଣ୍ଠା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମମତା ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ। ବିଧାୟକ ଶ୍ରୀ ବିଷୋୟୀ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ କୃଷି, ଜଳ ସେଚନ, ଶିକ୍ଷା, ଗମନାଗମନ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବ୍ଲକ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ମାନେ ଯୋଗଦେଇ ନିଜ ନିଜ ପଞ୍ଚାୟତର ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଡିଓ ବିଜୟ କୁମାର ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ଏବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ସହକାରୀ ନିର୍ବାହି ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠି ମଞ୍ଚାସୀନ ଥିବା ବେଳେ ଆଶିଷ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ, ବହୁ ସରପଞ୍ଚ ଓ ସମିତିସଭ୍ୟ ମାନଙ୍କ ସମେତ ପଞ୍ଚାୟତ ନିର୍ବାହି ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ ଓ ବିଡ଼ିଓ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

